କୃଷିବିଶ୍ୱବିଦ୍ୟାଳୟ ପ୍ରସଙ୍ଗ

ବିଜେଡି ଟାର୍ଗେଟରେ କୃଷିମନ୍ତ୍ରୀ

ବଲାଙ୍ଗୀର (ଅମୃତ ମିଡିଆ) : ଦୁଇଦିନ ତଳେ ଭୁବନେଶ୍ୱର ଲୋକସେବା ଭବନରେ ସମ୍ବଲପୁରରେ କେନ୍ଦ୍ରୀୟ କୃଷିବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ବୈଠକ ବସି ପ୍ରସ୍ତାବ କରାଯାଇଥିଲା। ସେହି ବିଷୟ ନେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ସୋସିଆଲ ମିଡିଆରେ ସେୟାର କରିବା ପରେ ବଲାଙ୍ଗୀରରେ ଏନେଇ ତୀବ୍ରପ୍ରତିକ୍ରିୟା ପ୍ରକାଶ ପାଇଛି । ପ୍ରଥମେ ବଲାଙ୍ଗୀର ବିଧାୟକ ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି ବଲାଙ୍ଗୀରରେ ହେବାକୁ ଥିବା କୃଷିବିଶ୍ୱବିଦ୍ୟାଳୟ ଦାବିକୁ ସରକାର ଅଣଦେଖା କରି ସମ୍ବଲପୁରରେ ପ୍ରସ୍ତାବ ଘଟଣାକୁ ପ୍ରତିବାଦ କରିଥିଲେ। ଟ୍ୱିଟକରି ବିଧାୟକ କଳିକେଶ ପ୍ରତିବାଦ କରିବା ସହିତ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠିକରି ଅସନ୍ତୋଷ ବ୍ୟକ୍ତ କରି ବଲାଙ୍ଗୀରକୁ ପ୍ରଧାନ୍ୟ ଦେବାକୁ ଅନୁରୋଧ କରିଥିଲେ। ତେବେ ବଲାଙ୍ଗୀର ଜିଲ୍ଲା ବିଜେପିଦଳ ପକ୍ଷରୁ ବିଧାୟକ କଳିକେଶଙ୍କ ଏଭଳି ପ୍ରତିବାଦକୁ ନୀନ୍ଦା କରି ବିଜେପିଦଳ ନିର୍ବାଚନ ବେଳେ ଦେଇଥିବା ସଂକଳ୍ପ ପୂରଣ କରୁଛି ବୋଲି ସାମ୍ବାଦିକ ସମ୍ମିଳନୀରେ କହିଥିଲେ। ବିଜେପିଦଳର ଅଭିମୁଖ୍ୟ ତଥା ବଲାଙ୍ଗୀର ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିବା ରାଜ୍ୟ କୃଷିମନ୍ତ୍ରୀଙ୍କ କାର୍ଯ୍ୟକଳାପକୁ ନେଇ ଆଜି ବଲାଙ୍ଗୀର ବିଜେଡିଦଳ ପକ୍ଷରୁ ସାମ୍ବାଦିକ ସମ୍ବଳନୀ କରି ନୀନ୍ଦା କରାଯାଇଛି । ବିରୋଧିଦଳରେ ଥିବା ବେଳେ ବିଜେପିଦଳ ଗୋଟିଏ କଥା କହୁଥିବା ବେଳେ ଏବେ ଶାସନକୁ ଆସିଲା ପରେ ଭିନ୍ନ କଥା କହୁଥିବା ବିଜେଡିଦଳ ଅଭିଯୋଗ ଉଠାଇଛି । କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ବଲାଙ୍ଗୀର ଜିଲ୍ଲାର ଦାବିକୁ ଅଣଦେଖା କରିଥିବା ଅଭିଯୋଗ ଉଠାଇବା ସହିତ ରାଜ୍ୟରେ ଡବଲଇଞ୍ଜିନ ସରକାରଙ୍କ ବଲାଙ୍ଗୀରବାସୀଙ୍କୁ ଡବଲ ଧୋକା ବୋଲି କହିଥିଲେ। ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁଙ୍କ ସହିତ ଦଳର ବରିଷ୍ଠନେତା ପ୍ରଭାସ ପାଣିଗ୍ରାହୀ, ପ୍ରଦ୍ୟୁତ ମିଶ୍ର, ବିଧୁଭୂଷଣ ତ୍ରୀପାଠୀ,ନଗର ସଭାପତି ଶମ୍ଭୁ ନାଗ, ଯୁବବିଜେଡି ସଭାପତି ରାଜେନ୍ଦ୍ର ହୋତା, ବିଜୁ ଛାତ୍ରଜନତାଦଳର ସଭାପତି ସୁମନ ନନ୍ଦ ପ୍ରମୁଖ ମଞ୍ଚାସୀନ ରହି ସାମ୍ବାଦିକ ସମ୍ମିଳନୀ କରି ବିଜେପିସରକାରଙ୍କୁ କଡା ସମାଲୋଚନା କରିଥିଲେ। ପୌରାଧ୍ୟକ୍ଷା ଲିକା ସାହୁ କହିଥିଲେ ଯେ, ଗତ ନବୀନ ପଟ୍ଟନାୟକ ସରକାର ସମୟରେ କେବିକେରେ କୃଷିବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଥିଲା। ଏହା ସହିତ ବଲାଙ୍ଗୀରରେ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ, ମେଡିକାଲ କଲେଜ, ରାଜେନ୍ଦ୍ରକଲେଜକୁ ବିଶ୍ୱବିଦ୍ୟାଳୟ, ଏସଆଇଏଚଏମ ସ୍ଥାପନ କରାଯାଇଥିଲା। କିନ୍ତୁ ଏହି ସରକାର ଅମଳରେ ୧୪ ମାସ ଭିତରେ କୌଣସି ଅନୁଷ୍ଠାନ କିମ୍ବା ପ୍ରତିଷ୍ଠାନ ଅଣାଯାଇ ପାରିନାହିଁ। ପ୍ରଭାସ ପାଣିଗ୍ରାହୀ କହିଥିଲେ ଯେ, ଯେଉଁ ବିଜେପିଦଳ ଆଜି ବିଜେଡିଦଳ ଉପରେ ଆରୋପ ଆଣୁଛି ସେହିଦଳ ପୂର୍ବରୁ ୯ବର୍ଷ ମିଳିତ ସରକାରରେ ଥିଲା। କେନ୍ଦ୍ରରେ ଗତ ୨୦୧୪ ମସିହାରୁ ରହିଛି କିନ୍ତୁ କଣ ସବୁ ବିକାଶ ପ୍ରକଳ୍ପ ବଲାଙ୍ଗୀରକୁ ଆଣିଛନ୍ତି ତାହା ସମସ୍ତେ ଜାଣନ୍ତି ବୋଲି କହିଥିଲେ। ଠିକ ସେହିପରି ବିଧୁଭୂଷଣ ତ୍ରୀପାଠୀ କହିଛନ୍ତି ଯେ,ବଲାଙ୍ଗୀରବାସୀଙ୍କ ନ୍ୟାର୍ଯ୍ୟଦାବିକୁ ବିଜେପିସରକାର ଅଣଦେଖା କରିଛି । ବଲାଙ୍ଗୀରବାସୀ ଅନେକଥର ଏନେଇ ଆନ୍ଦୋଳନ କରିଛନ୍ତି। ବଲାଙ୍ଗୀର ବିଧାୟକ ଭାବରେ କଳିକେଶ ସିଂଦେଓ ଜିଣିଲା ପରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠିକରି ବଲାଙ୍ଗୀରରେ କୃଷିବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ଦାବି କରିଥିଲେ। କିନ୍ତୁ ସରକାର ବଲାଙ୍ଗୀରବାସୀଙ୍କୁ ଧୋକାଦେଲେ ବୋଲି କହିଥିଲେ। ଆଗକୁ ଏନେଇ ବଲାଙ୍ଗୀରର ବିଭିନ୍ନ ସଂଗଠନକୁ ନେଇ ଜନଆନ୍ଦୋଳନ କରାଯିବ ବୋଲି ଶ୍ରୀତ୍ରୀପାଠୀ କହିଥିଲେ।

ଉଦଳାରେ ରୋଟାରୀ ଖୋଲିଲା ପାରାମେଡିକାଲ ଇନଷ୍ଟିଚ୍ୟୁଟ

ଲାବରେଟୋରୀ ଟେକନିସିଆନ କୋର୍ସ ପାଇଁ ଆରମ୍ଭହେଲା ପାଠପଢ଼ା

ବାରିପଦା/ଉଦଳା (ଅମୃତ ମିଡିଆ) : ଉଦଳା ରୋଟାରି କ୍ଲବର ଉଦ୍ୟମରେ ଖୋଲାଯାଇଥିବା ପାରାମେଡ଼ିକାଲ ଇନଷ୍ଟିଚ୍ୟୁଡ଼ର ଲାବରେଟୋରି ଟେକନିସିଆନ କୋର୍ସ ପାଇଁ ଆଜି ଅଗଷ୍ଟ ୨୦ ତାରିଖ ବୁଧବାର ଦିନ ପ୍ରଥମ ବ୍ୟାଚ ଛାତ୍ରଛାତ୍ରୀ ମାନଙ୍କର ପାଠପଢ଼ା ଆରମ୍ଭ ହୋଇଛି । ଏହି ଅବସରରେ ପ୍ରଥମବ୍ୟାଚ ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ ଜଣାଇବା ଉଦ୍ଦେଶ୍ୟରେ ଆୟୋଜିତ ଉତ୍ସବରେ ଉଦଳା ରୋଟାରି କ୍ଲବର ପ୍ରତିଷ୍ଠାତା ତଥା ଇନଷ୍ଟିଚ୍ୟୁଡ଼ର ଚେୟାରମେନ ଇଂ. ସୁବାଷଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରି ଅନୁଷ୍ଠାନକୁ ଆଗେଇନେବା ପାଇଁ ସମସ୍ତଙ୍କ ସହଯୋଗ କମନା କରିଥିଲେ। ଅବସରପ୍ରାପ୍ତ ଚିପ ଡ଼ିଷ୍ଟ୍ରିକ ମେଡ଼ିକାଲ ଅଫିସର ଡ଼ା. ଶିବାନନ୍ଦ ମହାନ୍ତି ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଳାରେ ବିତାଇଥିବା ଚାକିରି ଜୀବନର ଅନୁଭବ ଓ ରୋଟାରି କ୍ଲବ ସହିତ ସମ୍ପର୍କ ବିଷୟରେ ବିସ୍ତୃତ ବର୍ଣ୍ଣନା କରିବା ସହ ଅନୁଷ୍ଠାନର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରି କ୍ଲବ – ୩୧୬୨ ର ଆସିଷ୍ଟାଣ୍ଟ ଗଭର୍ଣ୍ଣର ପ୍ରଦିପ୍ତ କୁମାର ପଣ୍ଡା, ଉଦଳା ରୋଟାରି କ୍ଲବର ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଡ଼ା. ଭାଗବତ ବେହେରା, ଡ଼ା. ପ୍ରଜ୍ଞାପ୍ରିୟଦର୍ଶିନି ବେହେରା ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗଦେଇ ଏହି ଅନୁଷ୍ଠାନଟି ଭବିଷ୍ୟତରେ ଏକ ମେଡ଼ିକାଲ କଲେଜରେ ପରିଣତ ହେବ ଏଥିରେ ସନ୍ଦେହ ନାହିଁ ବୋଲି ଭାଷଣ ମାଧ୍ୟମରେ ବ୍ୟକ୍ତ କରିଥିଲେ। ଉଦଳା ରୋଟାରି କ୍ଲବର ପୂର୍ବତନ ସଭାପତି ପ୍ରହ୍ଲାଦ ଦାସ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂପାଦକ ସୁଦର୍ଶନ ପ୍ରଧାନ ମଂଚପରିଚାଳନା ଦାୟିତ୍ୱ ତୁଲାଇଥିଲେ। ଏହାପରେ ଅନୁଷ୍ଠାନରେ ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ ମାନେ ନିଜ ନିଜର ପରିଚୟ ପ୍ରଦାନ କରିଥିଲେ। ଶେଷରେ ଉଦଳା ରୋଟାରି କ୍ଲବର ପୂର୍ବତନ ସଭାପତି ଅଶୋକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ଏହି ସ୍ୱାଗତ ଉତ୍ସବକୁ ସଫଳ କରିବାରେ ଡ଼ା.ସଚିଦାନନ୍ଦ ପରିଡ଼ା, ବ୍ରହ୍ମାନନ୍ଦ ନାୟକ, ଚିତରଂଜନ ବାରିକ, ସୁଶାନ୍ତ ପଟ୍ଟନାୟକ, ଡ଼ା. ପ୍ରଶାନ୍ତ ସେନ, ପୂର୍ଣ୍ଣଚନ୍ଦ୍ର ସାହୁ, ଦୁଲମଣି ପୁହାଣ, ଦୀପକ ଦାସ, ଜୟନ୍ତି ପଟ୍ଟନାୟକ, ହରେନ ପଟ୍ଟନାୟକ, ରାଜଲକ୍ଷ୍ମୀ ମହାନ୍ତି, ମନୋରଂଜନ ପାଢ଼ି ପ୍ରମୁଖ ସହଯୋଗ କରିଥିଲେ।

କଟକ ଜିଲ୍ଲା ଯାଦବ ସମାଜର ପ୍ରାକ୍ତନ ଉପ-ସଭାପତିଙ୍କ ବିୟୋଗ

କଟକ (ବ୍ୟୁରୋ) : କଟକ ଜିଲ୍ଲା ଯାଦବ ସମାଜର ପ୍ରାକ୍ତନ ଉପ-ସଭାପତି ତଥା ବର୍ତ୍ତମାନର ବରିଷ୍ଠ ଉପଦେଷ୍ଟା ଯାଦବ ସଂସ୍କୃତି ଗବେଷକ ସୁ-ସାହିତ୍ୟିକ ବାଗ୍ମୀ ଶ୍ରୀଯୁକ୍ତ ଅର୍ଜୁନ ଚରଣ ମହାକୁଳଙ୍କ ୮୬ବର୍ଷ ବୟସରେ ନିଜ କଟକ ପାଲାମଣ୍ଡପ ସ୍ଥିତ ବାସଭବନରେ ରାତି ୪ଟାରେ ହୃଦଘାତରେ ଦେହାନ୍ତ ଘଟିଛି ଶ୍ରୀଯୁକ୍ତ ମହାକୁଳଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ଦେବୀପ୍ରଭା ମହାକୁଳ ପୁତ୍ରବଧୂ, ପୁତ୍ର ବିବ୍ରାହି ମହାକୁଳ ଉପସ୍ଥିତ ଥିଲେ। ଶ୍ରୀଯୁକ୍ତ ମହାକୁଳଙ୍କ ମୃତ୍ୟୁ ଖବର ପାଇ କଟକ ମୁନିସିପାଲିଟି ମେୟର ସୁବାସ ସିଂ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ, ଡା ନାରାୟଣ ମହାକୁଳ, କଟକ ଜିଲ୍ଲା ଯାଦବ ସମାଜ ସଭାପତି ଶ୍ରୀଯୁକ୍ତ ଭରତ ଚନ୍ଦ୍ର ବେହେରା କଟକ ଜିଲ୍ଲା ଯାଦବ ମହାସଭା ପୂର୍ବତନ ସାଧାରଣ-ସମ୍ପାଦକ ଡ଼ଃ କୃଷ୍ଣ ଚନ୍ଦ୍ର ବେହେରା, ଆଇନଜୀବୀ ରାଧେଶ୍ୟମ ବେହେରା, ଆଇନଜୀବୀ ନନ୍ଦନନ୍ଦନ ମହାପାତ୍ର ଦେବାଶିଷ ବେହେରା ଡା ନାରାୟଣ ମହାକୁଳ ନିଖିଳ ଉତ୍କଳ ଯାଦବ ସମାଜ ରାଜ୍ୟ ସଭାପତି ଦୀପକ କୁମାର ଗୌଡ଼, ସାଧାରଣ-ସମ୍ପାଦକ ଗୌତମ ବେହେରା, ସାଂସ୍କୃତିକ ସମ୍ପାଦକ କବି ଉତ୍ସଗୁଣ୍ଠର ପରିଡା ପ୍ରମୁଖ ସ୍ୱର୍ଗତ ମହାକୁଳଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ମହାକୁଳ ଶେଷଇଚ୍ଛା ଅନୁଯାୟୀ ମୃତ ଶରୀରକୁ ଏସସିବି ମେଡିକାଲକୁ ଗବେଷଣା ପାଇଁ ପରିବାର ପକ୍ଷରୁ ଦାନ କରାଯାଇଅଛି ।

ଆମ ଗାଁ ବ୍ୟାଙ୍କ ଶାଖା ଉଦ୍‌ଘାଟିତ

ବାଲିଚନ୍ଦ୍ରପୁର (ଅମୃତ ମିଡିଆ) : ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ଯାଜପୁର ଜିଲ୍ଲାର ଅନ୍ୟତମ ବ୍ୟବସାୟୀକ ପେଣ୍ଠସ୍ଥଳୀ ବାଲିଚନ୍ଦ୍ରପୁର କଲେଜ ରୋଡ ଠାରେ ଆମ ଗାଁ ବ୍ୟାଙ୍କ ଶାଖା ଉଦଘାଟନ ହୋଇଯାଇଛି । ଏହି ଶାଖା କାର୍ଯ୍ୟାଳୟକୁ ବାଲିଚନ୍ଦ୍ରପୁର ଥାନାର ଭାରପ୍ରାପ୍ତ ଅଧିକାରୀ ସମରଜିତ ନାୟକ ଯୋଗ ଦେଇ ଆନୁଷ୍ଠାନିକ ଭାବେ ରିବନ କାଟି ଉଦଘାଟନ କରିଥିଲେ। ସାଇ ଏଣ୍ଟରପ୍ରାଇଜସ ମୁଖ୍ୟ ଆଲୋକ ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଏୟାରଟେଲ ପେମେଣ୍ଟ ବ୍ୟାଙ୍କର ଓଡିଶା ରାଜ୍ୟ ମୁଖ୍ୟ ବିଶ୍ୱଜିତ ମହାପାତ୍ର ଯୋଗ ଦେଇ ଏୟାରଟେଲ ବ୍ୟାଙ୍କ ରାଜ୍ୟ ବାସୀଙ୍କ ସେବାରେ ସଦାସର୍ବଦା ସମର୍ପିତ ହୋଇଆସିଛି । ବ୍ୟାଙ୍କ ଏବେ ଗାଁରେ ପହଂଚିବ ବାଲିଚନ୍ଦ୍ରପୁର ଅଞ୍ଚଳ ବାସୀ ଏହାର ସୁଯୋଗ ନେବା ପାଇଁ ଉପସ୍ଥିତ ବ୍ୟାଙ୍କ କର୍ମଚାରୀ ମାନଙ୍କୁ ଓ ବୁଦ୍ଧିଜୀବୀ ମାନଙ୍କୁ ଆହ୍ୱାନ ଜଣାଇଥିଲେ। ରାଜ୍ୟ ପରିଚାଳନା ମୁଖ୍ୟ ତୋଫାନ ସେନାପତି ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଏୟାରଟେଲ ବ୍ୟାଙ୍କ ସେବା ଦ୍ୱାରା ଗ୍ରାମାଞ୍ଚଳରେ ବସବାସ କରୁଥିବା ମହିଳା ମାନେ ଏହାର ସୁଯୋଗ ନେବା ସହିତ ସୁଭଦ୍ରା ଯୋଜନା ରେ ସାମିଲ ହେବା ପାଇ ଆବେଦନ କରିପାରିବେ। ଅତିଥି ଭାବେ ଜୋନାଲ ସେଲସ୍ ଅଜୟ କୁମାର ମୁଦୁଲି, ଗ୍ରାହକ ଅଭିଯୋଗ ଅଧିକାରୀ ଅମୁଲ୍ୟ କୁମାର ସାହୁ , ବାଲିଚନ୍ଦ୍ରପୁର ସରପଞ୍ଚ ପ୍ରତିନିଧି ଅମୀୟ ସାହାଣୀ, ଆଞ୍ଚଳିକ ଏୟାରଟେଲ ମ୍ୟାନେଜର ସୁଶାନ୍ତ କୁମାର ସାହୁ, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନର ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସ, ଆଇନଜୀବି ଆଲୋକ ଜେନା ପ୍ରମୁଖ ଯୋଗ ଦେଇ ଉତ୍ସବରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଏକାଦଶୀ ସେଠୀ, ଭକ୍ତଚରଣ ସାହୁ, ପ୍ରଦୀପ୍ତ କୁମାର ପୁଷ୍ଟି, ପ୍ରବାସ କୁମାର ଦାଶ, ପ୍ରତାପ ସେନାପତି, ପ୍ରଫୁଲ୍ଲ କୁମାର ପଣ୍ଡା, ଅନିଲ କୁମାର ରାୟ, ସେକ ଇକବାଲ ହୁସେନ,ଜ୍ଞାନରଞ୍ଜନ ପୁଷ୍ଟି, ଚିତ୍ତରଞ୍ଜନ ତ୍ରିପାଠୀ, ନବକିଶୋର ଗୋସ୍ୱାମୀ, ଶ୍ରୀତାଂଶୁ ଶେଖର ସାହୁ, ଅଜୟ ଦାଶ, ରାକେଶ କୁମାର ବାରିକ, ସମାଜସେବୀ ସୁରେନ୍ଦ୍ର ପ୍ରଧାନ, ଶିବପ୍ରସାଦ ସାମଲ,ସଂଜିତ ସାମଲ, ଦିଲ୍ଲୀପ କୁମାର ସାହୁ, ସତ୍ୟାନନ୍ଦ ମଲ୍ଲିକ, ନିବାରଣ ସାହୁ, ବିକାଶ ବଳ, ପ୍ରକାଶ ପ୍ରଧାନ, ଶରତ ଜେନାପ୍ରମୁଖ ଉତ୍ସବ ରେ ସାମିଲ ହୋଇଥିଲେ। ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ସାମ୍ବାଦିକ ଚିତ୍ତରଞ୍ଜନ ତ୍ରିପାଠୀ।

ବିଭିନ୍ନ ଜନହିତକର ଯୋଜନା ଉପରେ ଦିନିକିଆ କର୍ମଶାଳା

ବାଲିଅନ୍ତା (ଅମୃତ ମିଡିଆ) : ବାଲିଅନ୍ତା ବ୍ଲକ ଅଧୀନସ୍ଥ ନିର୍ମାଣ କଲେଜ ପରିସରରେ ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ଅନ୍ତର୍ଗତ ମେରା ଯୁବ ଭାରତ, ଖୋର୍ଦ୍ଧା ତରଫରୁ ଭାରତ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ଦିନିକିଆ କାର୍ଯ୍ୟକ୍ରମ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜନ୍ମ ଦିନକୁ ସଦଭାବନା ଦିବସ ପାଳିତ ହୋଇଯାଇଛି । ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ବିଧୁ ଭୂଷଣ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଲକ୍ଷ୍ମୀଧର ପ୍ରଧାନ, ନିର୍ମାଣ କଲେଜର ଅଧକ୍ଷ ସିଦ୍ଧେଶ୍ୱର ମହାନ୍ତି, ନାରାୟଣ ବେହେରା, ମେରା ଯୁବ ଭାରତ ଖୋର୍ଦ୍ଧାର ନିଖି କୋକୁଆ, ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ, ବ୍ୟାଙ୍କ ଅଫ ବରୋଦାର ସିନିଅର ମ୍ୟାନେଜର ଯୋତ୍ରିମୟୀ ଶତପଥୀ, ସହ ପରିଚାଳକ ଅଂଶୁମାନ ଦାଶ, ଯୁବ ସମାଜସେବୀ ପ୍ରଦୀପ୍ତ କୁମାର ମହାନ୍ତି, ଯୁବ ସମାଜସେବୀ ସତ୍ୟନାରାୟଣ ଶ୍ରୀଚନ୍ଦନ, ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ମାନବ ମଧୂଜିତ୍, କମିଶନରେଟ୍ ପୋଲିସର ସିପାହୀ କାହ୍ନୁଚରଣ ନାୟକ ପ୍ରମୁଖ ଯୋଗ ଦେବା ସହ ଅଭିଭାଷଣ ପ୍ରଦାନ କରିଥିଲେ।

ମାଗଣା ଚକ୍ଷୁ ଚିକିତ୍ସା ଶିବିର

ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) : ଚୌଦ୍ୱାର ମହାବିଦ୍ୟାଳୟ ପରିସରରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ରୋଭର ରେଞ୍ଜର ୟୁନିଟ୍ ପକ୍ଷରୁ ଏହି ଶିବିର ଆୟୋଜନ କରାଯାଇଥିବା ବେଳେ ୟୁନିଟ୍‌ର ସଭାପତି ଆରଣ୍ୟକ ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଲେଜର ଶତାଧିକ ଛାତ୍ରଛାତ୍ରୀମାନେ ନିଜ ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ। କଲେଜର ୫ଟି ହଲରେ ଡକ୍ଟର ଅଗ୍ରୱାଲ ଆଇ କ୍ଲିନିକ୍‌ର ଡାକ୍ତରୀ ଟିମ୍‌ଙ୍କ ଦ୍ୱାରା ଶିବିର ପରିଚାଳନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ରଶ୍ମୀ ରାଉତରାୟଙ୍କ ସହ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

ରିଲିଜ ହେଲା ଭଞ୍ଜସେନାର ସଚେତନଧର୍ମୀ ଚଳଚ୍ଚିତ୍ର ଆନ୍ଦୋଳନ

ପର୍ଯ୍ୟଟନର ବିକାଶ ହୋଇପାରିଲେ ଜିଲ୍ଲାର ଅର୍ଥନୈତିକ ଓ ସାମାଜିକ ବିକାଶ ସମ୍ଭବ ହୋଇପାରିବ



ବାରିପଦା (ଅମୃତ ମିଡିଆ) : ମୟୂରଭଞ୍ଜ ଜିଲ୍ଲାରେ ପର୍ଯ୍ୟଟନର ବିକାଶ ହେଲେ ବେକାରୀ ସମସ୍ୟା ସମାଧାନର ନୂଆ ବାଟ ବାହାରିବ ଏବଂ ଶିମିଳିପାଳ ବଞ୍ଚିଲେ ଆମେ ବଂଚିବା, ଏଭଳି ସଚେତନତାର ବାର୍ତ୍ତା ବାଣ୍ଟିବା ପାଇଁ ଭଞ୍ଜସେନା ପକ୍ଷରୁ ନିର୍ମାଣ କରାଯାଇଥିବା ସଚେତନ ଧର୍ମୀ ଚଳଚିତ୍ର ଆନ୍ଦୋଳନ ବାରିପଦା ସହିଦ ସ୍ମୃତି ଭବନ ପ୍ରେକ୍ଷାଳୟ ରେ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଓ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ କର କୋମଳରେ ରିଲିଜ ହୋଇଯାଇଛି । ଶିମିଳିପାଳର ଆଭ୍ୟନ୍ତରୀଣ ଏକ ଗାଆଁର ଜଣେ ଯୁବକ ରତନ, ବି'ଟେକ ପଢି ସରିବା ପରେ ଗାଆଁ ମାଟିକୁ ଛାଡ଼ି ନପାରି କିଭଳି ବେକାର ହୋଇ ରହିଯାଇଛି ଏବଂ ସେହି ଗାଆଁ ରେ ରହୁଥିବା ଅନ୍ୟ ଯୁବକ ମାନେ ମଧ୍ୟ ରୋଜଗାର ଲାଗି ଡହଳ ବିକଳ ହୋଇ ଦାଦନ ଖଟିବାକୁ ବାହାରକୁ ଚାଲିଯାଉଛନ୍ତି। ତେବେ ଥରେ ଜଣେ ଇଂରେଜ ପର୍ଯ୍ୟଟକ ଶିମିଳିପାଳ ଓ ମୟୂରଭଞ୍ଜର ଅନ୍ୟ ସ୍ଥାନ ବୁଲିବାକୁ ଆସିଥିବା ବେଳେ ଇଂରାଜୀ କହି ପାରୁଥିବା ରତନକୁ ନିଜ ସାଙ୍ଗରେ ଗାଇଡ ଭାବରେ ନେଇ ତାଙ୍କୁ ୨୦ ହଜାର ଟଙ୍କା ପାରିଶ୍ରମିକ ଭାବରେ ଦେବା ପରେ ରତନ ଗାଆଁର ଅନ୍ୟ ବେକାର ଯୁବକ ଯୁବତୀଙ୍କୁ ପର୍ଯ୍ୟଟନ ମାଧ୍ୟମରେ ବିଭିନ୍ନ ବର୍ଗର ଲୋକେ କିଭଳି ସ୍ୱାବଲମ୍ବୀ ହୋଇ ପାରିବେ ସେ ବିଷୟରେ ସଚେତନ କରିବା ସହିତ ଜିଲ୍ଲାର ବେରୋଜଗାର ଯୁବପିଢୀ ପର୍ଯ୍ୟଟନର ବିକାଶ ଲାଗି କିଭଳି ଏକ ଆନ୍ଦୋଳନ ଆରମ୍ଭ କରିଛନ୍ତି, ସେହି ବିଷୟ ବସ୍ତୁ ଉପରେ ସିନେମାଟି ପର୍ଯ୍ୟବେଶିତ. ସିନେମାର ପରିକଳ୍ପନା ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କରିଥିବା ବେଳେ ନିର୍ଦ୍ଦେଶନା ରାଜା ମିଶ୍ର ଦେଇଛନ୍ତି। ସମସ୍ତ କଳାକାର ମୟୂରଭଞ୍ଜ ଜିଲ୍ଲାର ହୋଇଥିବା ବେଳେ ରତନ ଭୂମିକା ରେ ଅଭିନେତା ତାପୋଷ ପାଢ଼ାଙ୍କ ଅଭିନୟ ସମସ୍ତଙ୍କୁ ଭାବ ବିହ୍ୱଳ କରିଥିଲା। ତେବେ ମୟୂରଭଞ୍ଜରେ ଥିବା ପର୍ଯ୍ୟଟନର ଅସରନ୍ତି ଉତ୍ସ ର ବିକାଶ ହୋଇପାରିଲେ ଜି